## ସଂକ୍ଷେପରେ

### ଅପହୃତ ନାବାଳିକାଙ୍କୁ ଉଦ୍ଧାର ପାଇଁ ମା'ବାପାଙ୍କ ନିବେଦନ

**ପାଟଣା,୨୪।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ତାଙ୍କ ପଡ଼ୋଶୀ ଘରେ ରହୁଥିବା ଜଣେ ଯୁବକ ଗତ ଶନିବାର ସନ୍ଧ୍ୟାରେ ଅପହରଣ କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏତଲା ରଖି ଚୁପ୍ ବସିଥିବାରୁ ଝିଅକୁ ଉଦ୍ଧାର କରିବା ଲାଗି ନାବାଳିକାଙ୍କ ବାପା କେନ୍ଦୁଝର ଆରକ୍ଷୀ ଅଧିକାରୀଙ୍କଠାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ନାବାଳିକା ଫୋନ ଯୋଗେ ତାଙ୍କ ପ୍ରତି ବିପଦ ଥିବା କହୁଥିବାରୁ ତୁରନ୍ତ ତାଙ୍କୁ ଉଦ୍ଧାର ପାଇଁ ପରିବାର ଲୋକେନିବେଦନ କରିଛନ୍ତି।

### ରାଜସ୍ୱମନ୍ତ୍ରୀଙ୍କୁ ଭେଟିଲା ଓକିଲ ସଂଘ

**ବାରିପଦା ଅଫିସ,୨୪।୨:** ମୟୂରଭଞ୍ଜ ଜିଲା ବାରିପଦା ଓକିଲ ସଂଘର ଏକ ପ୍ରତିନିଧି ଦଳ ଗୁରୁବାର ରାଜସ୍ୱମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କୁ ଭେଟି କୋର୍ଟ ପରିସରରେ ହେବାକୁ ଥିବା ନୂତନ ବିଲ୍ଡିଂ ନିର୍ମାଣ ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥି ନିମନ୍ତେ ଜମିଜମା ସଂକ୍ରାନ୍ତୀୟ ଆବଶ୍ୟକ କାଗଜପତ୍ର ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତ କରି ପ୍ରଦାନ କରିବାକୁ କହିଛନ୍ତି। ସଂଘର ସଭାପତି ପ୍ରବୀର କୁମାର ବସା, ସମ୍ପାଦକ ବସନ୍ତ ଭୋଳଙ୍କ ନେତୃତ୍ୱରେ କର୍ମକର୍ତ୍ତା ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଉପସଭାପତି ସୁଜାତା ମିଶ୍ର, କୋଷାଧ୍ୟକ୍ଷ ଅରବିନ୍ଦ ସାହୁ, ସଦସ୍ୟ କୈଳାସ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସୂଚନା ଅଧିକାର ଆଇନ କର୍ମଶାଳା

**ବାରିପଦା ଅଫିସ,୨୪।୨:** ଓଡ଼ିଶା ସୂଚନା ଅଧିକାର ଅଭିଯାନ ମୟୂରଭଞ୍ଜ ଜିଲା ଶାଖା ପକ୍ଷରୁ ସୂଚନା ଅଧିକାର ଆଇନ-୨୦୦୫ ସମ୍ପର୍କିତ ପ୍ରଶିକ୍ଷଣ କର୍ମଶାଳା ବାରିପଦାସ୍ଥିତ ଜିଲା ପ୍ରାଥମିକ ଶିକ୍ଷକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସନ୍ତୋଷ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୋରଡ଼ା ବ୍ଲକର ଦାନ୍ତିଆମୁହାଁ, ଭାଲିଆଡ଼ିହା, କୋହି, ଘୋଳମୁହାଁ, ଦୁର୍ଗାପୁର ପଞ୍ଚାୟତ, ବାରିପଦା ବ୍ଲକର ଚନ୍ଦନପୁର, ବାର୍ଙ୍ଗିରିପୋଷି ବ୍ଲକର ବିଭିନ୍ନ ପଞ୍ଚାୟତରୁ ୧୧ଜଣ ମହିଳାଙ୍କ ସମେତ ୩୫ଜଣ ସୂଚନା ଅଧିକାର କର୍ମୀ ଯୋଗ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚକ୍ରଧର ସାହୁ, ମହେଶ୍ୱର ମହାନ୍ତି, ଦୟାନିଧି ମହାନ୍ତ ଓ ଆଶିଷ ବସା ପ୍ରମୁଖ ସହଯୋଗ କରିଥିଲେ।

### ବିଦ୍ୟାଳୟ ପରିଦର୍ଶନ କଲେ ଜିଲା ଶିକ୍ଷା ଅଧିକାରୀ

**ବୈଶିଙ୍ଗା,୨୪।୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀ ନବକିଶୋର ଗିରି ବୈଶିଙ୍ଗା ଥାନା ଅଞ୍ଚଳରେ ଥିବା ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦୀର୍ଘ ୨ବର୍ଷ ହେଲା କରୋନା ସଂକ୍ରମଣ ଭୟରେ ବନ୍ଦ ରଖାଯାଇଥିବା ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଆସନ୍ତା ୨୮ ତାରିଖରୁ ଖୋଲିବାକୁ ଯାଉଛି। ତେବେ ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଧ୍ୟାନ ପାଇଁ ଜିଲା ଶିକ୍ଷା ଅଧିକାରୀ ବିଦ୍ୟାଳୟ ଗୁଡ଼ିକର ସ୍ଥିତି ଅନୁଧ୍ୟାନ କରି ଫେରି ଯାଇଛନ୍ତି। ତାଙ୍କ ସହ ଆଞ୍ଚଳିକ ସାଧନ ସଂଯୋଜକ ସତ୍ୟରଞ୍ଜନ ରାଉତ, ସପନ ମହାପାତ୍ର, ତପନ ଜେନା ପ୍ରମୁଖ ସାମିଲ ଥିଲେ।। ଏହି ଅବସରରେ ସେ ବୈଶିଙ୍ଗା ପ୍ରାଥମିକ ବିଦ୍ୟାଳୟ, ଖୁଣ୍ଟାପୁର ସତ୍ୟସାଇ ବିଦ୍ୟାପୀଠ, ଭୋଲାଗଡିଆ ପ୍ରାଥମିକ ବିଦ୍ୟାଳୟ, ଦୁର୍ଗାପୁର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। କେତେକ ସ୍ଥାନରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ମାନଙ୍କ ସହିତ ଆଲୋଚନା ମଧ କରିଥିଲେ। ପରେ ବେତନଟୀ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଂଗ୍ରାମ କେଶରୀ ପରିଡ଼ାଙ୍କ ସହିତ ବିଦ୍ୟାଳୟ ଖୋଲାଯିବା ନେଇ ଆଲୋଚନା କରିଥିବା ସୂଚନା ମିଳିଛି।

### ମାତୃଭାଷା ଦିବସ

**ବୈଶିଙ୍ଗା,୨୪।୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଅଁଳା ପଞ୍ଚାୟତର ରାଇକମା ଆଶ୍ରମ ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ରଜତ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅଷ୍ଟମ ଶ୍ରେଣୀର ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଓଡ଼ିଆ ଭାଷା ଉପରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ବିଦ୍ୟାର୍ଥୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। 'ମୋ ମାତୃଭାଷା ମୋତେ ଶ୍ରେଷ୍ଠ' ଆଲୋଚନାଚକ୍ର ଆୟୋଜନ କରି ପ୍ରଧାନ ଶିକ୍ଷକ ଓ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସରସ୍ୱତୀ ଜେନା ମାତୃଭାଷାର ଗୁରୁତ୍ୱ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ।

# ନିମ୍ନମାନର ପଥର ପ୍ୟାକିଂକୁ ବିରୋଧ

**ବାରିପଦା ଅଫିସ,୨୪।୨**


ବୁଢ଼ାବଳଙ୍ଗ ନଦୀ କୂଳରେ ଚାଲିଥିବା ପଥର ପ୍ୟାକିଂ କାର୍ଯ୍ୟ।

ମୟୂରଭଞ୍ଜ ଜିଲା ଦେଇ ପ୍ରବାହିତ ବୁଢ଼ାବଳଙ୍ଗ ନଦୀ କୂଳରେ ଚାଲିଥିବା ଆଡ଼ିବନ୍ଧ ଓ ସ୍ପର ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। ଜଳସ୍ତରରୁ ୨ମିଟର ଗଭୀରରୁ ଆଡ଼ିବନ୍ଧ ନିର୍ମାଣ ପାଇଁ ଯୋଜନା ରହିଥିବା ବେଳେ ଠିକାଦାର ମନମୁଖି ଭାବେ କାର୍ଯ୍ୟ ଚଳାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ମୟୂରଭଞ୍ଜ ଜଳସେଚନ ବିଭାଗ ନିକଟରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖବରପାଇ ବିଭାଗୀୟ ଅଧିକାରୀମାନେ ପହଞ୍ଚି ତଦନ୍ତ କରିବା ସହିତ ଠିକ୍ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବଡ଼ସାହି ବ୍ଲକ ଶିଆଳୀଘାଟୀ ପଞ୍ଚାୟତର ଭଞ୍ଜବାଟୀ ଓ ବାଘୁଆପାଳ ଗ୍ରାମକୁ ସୁରକ୍ଷା ଦେବା ପାଇଁ ବୁଢ଼ାବଳଙ୍ଗ ନଦୀରେ ଜଳସେଚନ ବିଭାଗ ପକ୍ଷରୁ ଆଡ଼ିବନ୍ଧ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ୯କୋଟି ୮୬ଲକ୍ଷ ୪୫ହଜାର ଟଙ୍କା ବ୍ୟୟ ଅଟକଳରେ ୧୪ଶହ ୫ମିଟର ପଥର ପ୍ୟାକିଂ, ୬ଟି ସ୍ପର ଓ ୯୫୫ମିଟର ଆଡ଼ିବନ୍ଧ ନିର୍ମାଣ ପାଇଁ ଅର୍ଥ ବ୍ୟୟବରାଦ ହୋଇଛି। ୨୦୨୧ ଏପ୍ରିଲରୁ ଗୌରବ କନଷ୍ଟ୍ରକ୍ସନ ନାମକ ଠିକାସଂସ୍ଥା ଉକ୍ତ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ନିମ୍ନମାନର ପଥର ପ୍ୟାକିଂ କରାଯାଉଥିବା ନେଇ ଗ୍ରାମବାସୀମାନେ ଠିକାଦାରଙ୍କୁ ଜଣାଇଥିଲେ। ଜଳସ୍ତରରୁ ୨ମିଟର ଗଭୀରରୁ ପଥର ପକାଇ ଆଡ଼ିବନ୍ଧ ନିର୍ମାଣ କରିବାକୁ ନିର୍ଦ୍ଦେଶ ରହିଥିଲେ ହେଁ ଠିକାଦାର ଜଣକ ଜଳ ପ୍ରବାହିତ ହେଉ ନ ଥିବା ସ୍ଥାନରୁ ପଥର କାର୍ଯ୍ୟ ଚଳାଇ ଆସୁଛନ୍ତି । ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇବା ପରେ ଗ୍ରାମବାସୀମାନେ ମିଳିତ ଭାବେ କାର୍ଯ୍ୟବନ୍ଦ କରିଥିଲେ। ଖବରପାଇ ବିଭାଗୀୟ ଅଧୀକ୍ଷଣଯନ୍ତ୍ରୀ ପ୍ରମୋଦ କୁମାର ପଦ୍ମାସିଂ ପହଞ୍ଚି କାର୍ଯ୍ୟର ତଦାରଖ କରିବା ସହ ଯୋଜନା ଅନୁଯାୟୀ କାର୍ଯ୍ୟ କରିବାକୁ ଠିକାଦାରଙ୍କୁ ତାଗିଦ୍ କରିଛନ୍ତି। ବଡ଼ ବଡ଼ ପଥର ବଦଳରେ ଛୋଟଛୋଟ ପଥରରେ ପ୍ୟାକିଂ କାର୍ଯ୍ୟ ହେଉଥିବାରୁ ବନ୍ୟା ଆସିଲେ ତାହା ସମ୍ପୂର୍ଣ୍ଣ ଧୋଇହୋଇ ଯିବାର ସମ୍ଭାବନା ରହିଥିବା ଗ୍ରାମର ଶିରିଶ ଚନ୍ଦ୍ର ଗିରି, ପୂର୍ଣ୍ଣଚନ୍ଦ୍ର ପାତ୍ର ଓ ଆନନ୍ଦ ଶଙ୍କର ପାତ୍ର ପ୍ରମୁଖ କହିଛନ୍ତି। ଏ ସଂକ୍ରାନ୍ତରେ ଅଧୀକ୍ଷଣଯନ୍ତ୍ରୀ ପଦ୍ମାସିଂଙ୍କୁ ପଚାରିବାରୁ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ଅଭିଯୋଗ ପାଇବା ପରେ ତଦନ୍ତରେ ଆସି ଠିକା ସଂସ୍ଥାର କର୍ମଚାରୀଙ୍କୁ ତାଗିଦ କରିଛି। କାର୍ଯ୍ୟରେ ଅବହେଳା ହେଉଥିଲେ ଗ୍ରାମବାସୀ ତୁରନ୍ତ କାର୍ଯ୍ୟ ବନ୍ଦ କରିବାକୁ କୁହାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

## ୟୁକ୍ରେନ୍‌ରେ ଫଂସି ରହିଛନ୍ତି ସୋର, ଭଦ୍ରକର ୨ ଛାତ୍ରୀ

**ସୋର, ୨୪।୨(ଡି.ଏନ.ଏ.)**

ୟୁକ୍ରେନ୍ ସହରରେ ବାଲେଶ୍ୱର ଜିଲା ସୋର ଓ ଭଦ୍ରକ ଜିଲା ଭାଟପଡା ଅଞ୍ଚଳର ୨ ମେଡିକାଲ ଛାତ୍ରୀ ଫସି ରହିଛନ୍ତି। ଯୁଦ୍ଧ ଆରମ୍ଭ ହେବା ଫଳରେ ସମସ୍ତ ବିମାନକୁ ବାତିଲ କରାଯାଇଥିବାରୁ ସେମାନେ ଘରକୁ ଫେରିବା ଆଶା ମଉଳିଯାଇଛି। ଏନେଇ ତାଙ୍କ ପରିବାର ଲୋକେ ଚିନ୍ତା ପଡ଼ିଛନ୍ତି। ଛାତ୍ରୀଦ୍ୱୟ ସେଠାକାର ଏକ ବହୁତଳ ବିଶିଷ୍ଟ କୋଠାରେ ଭୟଭୀତ ଅବସ୍ଥାରେ ରହିଥିବା ପରିବାର ଲୋକେ କହିଛନ୍ତି।

ଉଭୟ ଛାତ୍ରୀ ହେଲେ ସୋର ମ୍ୟୁନିସିପାଲିଟି ଅଧୀନ କମରପୁର ଗ୍ରାମର ଶ୍ରୀକାନ୍ତ ମହାପାତ୍ରଙ୍କ ଝିଅ ସଙ୍ଗୀତା ମହାପାତ୍ର ଏବଂ ଭଦ୍ରକ ଭାଟପଡ଼ା ଗ୍ରାମର


ସଙ୍ଗୀତା ମହାପାତ୍ର।

କିଶୋର ଚନ୍ଦ୍ର ନାୟକଙ୍କ ଝିଅ ମଧୁମିତା ନାୟକ। ୨୦୧୭ରେ ସଙ୍ଗୀତା ୟୁକ୍ରେନ୍ ରାଜଧାନୀରେ ଥିବା କିବ୍ ମେଡିକାଲ କଲେଜରେ ଡାକ୍ତରୀ ପାଠ୍ୟକ୍ରମ ପଢ଼ିବା ପାଇଁ ନାମ ଲେଖାଇଥିଲେ। ସେ ଏବେ ୫ମ ବର୍ଷର ଛାତ୍ରୀ। ୨୦୨୧ର ଶେଷ ଭାଗରେ କରୋନା ସଂକ୍ରମଣ ଯୋଗୁ ପାଠପଢ଼ା ବନ୍ଦ ହେବାରୁ ସେ ଘରକୁ ଚାଲି ଆସିଥିଲେ। ଗତ ଜାନୁୟାରୀ ୨୮ରେ କଲେଜ ପାଠପଢ଼ା ଆରମ୍ଭ ହେବା ବାର୍ତ୍ତା ପାଇ ସେ ସେଠାକୁ ଯାଇଥିଲେ। ଋଷ ଆକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି ସେଠାରେ ରହୁଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଭାରତ ଫେରାଇ ଆଣିବା ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ସେଥି ମଧ୍ୟରେ ସଙ୍ଗୀତା ଏବଂ ମଧୁମିତାଙ୍କ ସହିତ ଅନ୍ୟ ୫ଜଣଙ୍କ ପାଇଁ ଆସନ୍ତା ୨୮ ତାରିଖରେ ଫ୍ଲାଇଟ ଟିକେଟ କରାଯାଇଥିଲା। ତେବେ ଯୁଦ୍ଧ ଆରମ୍ଭ ହେବାରୁ ସେମାନେ ଫେରିପାରିନାହାନ୍ତି।

## ଦୁଇ ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ସଜନାଗଡ଼, ୨୪।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା କୁଲଡ଼ିହା ବନାଞ୍ଚଳ ଅନ୍ତର୍ଗତ ଭାଲୁକାଷୁଣୀ ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତଜଣକ ହେଲେ ନୀଳଗିରି ଭାଲୁକାଶୁଣି ଗ୍ରାମର ଲକ୍ଷ୍ମଣ ସିଂ(୩୫)। ଗୁରୁବାର କୁଲଡ଼ିହା ଅଭୟାରଣ୍ୟରୁ ୨ଟି ଭାଲୁ ଖାଦ୍ୟ ଅନ୍ୱେଷଣରେ ଚାଲିଆସିଥିଲେ। ଲକ୍ଷ୍ମଣ ଘର ପଛପଟକୁ ପୂର୍ବାହ୍ନରେ ଶୌଚ ହେବା ପାଇଁ ଯାଇଥିବା ବେଳେ ଛକି ରହିଥିବା ଦୁଇଟି ଭାଲୁ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଭାଲୁର ନଖ ପଶି ଦୁଇଟି ସ୍ଥାନ ଗୋଡ଼ ଓ ହାତରେ ଗଭୀର ଆଘାତ ଲାଗିଥିଲା। ଜୀବନ ବଞ୍ଚାଇବା ପାଇଁ ଲକ୍ଷ୍ମଣ ଧରିଥିବା ଠେଙ୍ଗାରେ ଭାଲୁଙ୍କ ସହିତ ଲଢ଼ିଥିଲେ। ପରେ ଜଙ୍ଗଲକୁ ଦୁଇ ଭାଲୁ ପଳାଇ ଯାଇଥିଲେ। ଗୁରୁତର ଅବସ୍ଥାରେ ଘରକୁ ଫେରିବା ପରେ ପରିବାର ଲୋକେ ତାଙ୍କୁ ନୀଳଗିରି ମେଡ଼ିକାଲରେ ଭର୍ତ୍ତି କରିଛନ୍ତି।

## ଫଳାଫଳ ନେଇ ବଢୁଛି ଉତ୍କଣ୍ଠା

**ଭୋଗରାଇ, ୨୪।୨(ଡି.ଏନ.ଏ.)**

ସରିଗଲା ନିର୍ବାଚନ। ଏବେ ଫଳାଫଳକୁ ନେଇ ସବୁଠି ଉତ୍କଣ୍ଠା। ନେତା ଓ କର୍ମୀଙ୍କ ମଧ୍ୟରେ ହାର-ଜିତ୍‌କୁ ନେଇ ଗାଁରୁ ବଜାର ଓ ସହରରେ ସବୁଠି ଚର୍ଚ୍ଚା। ଗାଁରେ ନେତା ଓ କର୍ମୀ ସମର୍ଥକଙ୍କ ମଧ୍ୟରେ ଘନ ଘନ ବୈଠକ କରାଯାଇ ଅଙ୍କକଷା ଚାଲିଥିବା ବେଳେ ପ୍ରାର୍ଥୀ ଓ କର୍ମୀଙ୍କ ମନ ମାନୁନି। ଭୋଟର କାହାକୁ ଭୋଟ୍ ଦେଇଛନ୍ତି, ନେତା ଓ ପ୍ରାର୍ଥୀ ଏବେ ବି ଦ୍ୱନ୍ଦ୍ୱରେ ଅଛନ୍ତି। ଭୋଗରାଇ ନିର୍ବାଚନମଣ୍ଡଳୀ ୫୦ ପଞ୍ଚାୟତର ଜିଲାପରିଷଦ, ସରପଞ୍ଚ, ସମିତିସଦସ୍ୟ ଓ ୱାର୍ଡ଼ମେମ୍ବର ମିଶି ୧୮୧୬ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ୍‌ବାକ୍ସ ମଧ୍ୟରେ ସିଲ୍ ହୋଇ ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟ ମଧ୍ୟରେ ରଖାଯାଇଛି। ଆସନ୍ତା ୨୬ ତାରିଖ ସକାଳ ୮ଟାରୁ ଏହି ମହାବିଦ୍ୟାଳୟରେ ଭୋଟ ଗଣତି ଆରମ୍ଭ


ଭୋଗରାଇ ବ୍ଲକ ସମ୍ମିଳନୀ କକ୍ଷରେ ସର୍ବଦଳୀୟ ବୈଠକରେ ବିଡିଓ ସୂଚନା ଦେଉଛନ୍ତି।

ହେବ। ୩୦ ଓ ୩୧ନଂ. ଜୋନ୍‌ର ୧୬, ୨୭ ତାରିଖରେ ୩୨ ଓ ୩୩ନଂ. ଜୋନ୍‌ରେ ୧୬ ଏବଂ ୨୮ ତାରିଖରେ ୩୪ ଓ ୩୫ନଂ. ଜୋନ୍‌ର ୧୮ ପଞ୍ଚାୟତ ପ୍ରାର୍ଥୀଙ୍କ ଭାଗ୍ୟ ୫ବର୍ଷ ପାଇଁ ନିର୍ଦ୍ଧାରଣ ହେବ। କୋଭିଡ୍ ନିୟମ ମାନି ବୁଥ୍‌ରେ ଭୋଟ୍ ଗଣତି ନିମନ୍ତେ ପ୍ରତ୍ୟେକ ଦଳର ଜଣେ ଲେଖାଏ ଏଜେଣ୍ଟ ରହିବା ସହ ୱାର୍ଡ଼ମେମ୍ବର ପାଇଁ ଆଉ ଜଣେ ଏଜେଣ୍ଟ ମଧ ରହିପାରିବେ ବୋଲି ଭୋଗରାଇ ବ୍ଲକ ସମ୍ମିଳନୀ କକ୍ଷରେ ସର୍ବଦଳୀୟ ବୈଠକରେ ନିର୍ବାଚନ ଅଧିକାରୀ ବିଡିଓ ଶଙ୍କର ପଟ୍ଟନାୟକ ସୂଚନା ଦେଇଛନ୍ତି। ଭୋଟ ଗଣତି ଏଜେଣ୍ଟମାନଙ୍କୁ ପ୍ରବେଶ ଦ୍ୱାରରେ ଦୁଇ ଡୋଜ ଭ୍ୟାକସିନ ସାର୍ଟିଫିକେଟ୍ ସହ ଆଣ୍ଟିଜେନ୍ ଟେଷ୍ଟ ଓ ମାସ୍କ ପରିଧାନ ବାଧ୍ୟତାମୂଳକ କରାଯାଇଛି। ଅପରପକ୍ଷରେ ଗାଁ ନେତାଙ୍କ ୱାର୍ଡ଼ମେମ୍ବର ବିଜୟ ସମ୍ଭାବନାକୁ ନେଇ ଗାଁ ଗାଁରେ ଛକାପଞ୍ଝା ଓ ପଞ୍ଚାୟତ ଦଖଲକୁ ନେଇ କଳ୍ପନାଜଳ୍ପନା ଲାଗିରହିଛି।

## ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

**ବସ୍ତା, ୨୪।୨(ଡି.ଏନ.ଏ.)**

ବସ୍ତା ରେଳଷ୍ଟେଶନଠାରୁ ଅନତିଦୂରରେ ଗୁରୁବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ବସ୍ତା ଥାନା ବଇଁଚା ଗ୍ରାମର ରମାକାନ୍ତ ରାଉତ। ରେଳବାଇ ପୋଲିସ ପହଞ୍ଚି ଶବ ଜବତ କରିବା ସହ ଅପମୃତ୍ୟୁ ମାମଲା (ନଂ. ୧୫/୨୨) ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରମାକାନ୍ତ ଭଦ୍ରକ-ହାୱଡ଼ା ପାସେଞ୍ଜର ଟ୍ରେନରେ କଟିଯାଇଥିବା ବିଭାଗୀୟ ସୂତ୍ରରୁ କୁହାଯାଇଛି। ସେ ଆତ୍ମହତ୍ୟା କରିଛନ୍ତି ନା ରେଳଧାରଣା ପାରି ହେବାବେଳେ ଦୁର୍ଘଟଣା ଘଟିଛି ସେନେଇ ସ୍ପଷ୍ଟ ହୋଇନାହିଁ।

## ଏସ୍‌ଡିପିଓଙ୍କୁ ନିଲମ୍ବନ ଦାବି କଲା ଭାଜପା

**କେନ୍ଦୁଝର/ପାଟଣା,୨୪।୨(ସ୍ୱ.ପ୍ର.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବ୍ୟାପକ ଅବ୍ୟବସ୍ଥା ଏବଂ ପୋଲିସର ପକ୍ଷପାତିତା ଭୂମିକା ପ୍ରତିବାଦରେ କେନ୍ଦୁଝର ଜିଲା ଭାଜପା ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏ କ୍ଷେତ୍ରରେ ସହାୟତା କରିଥିବା ବଡ଼ବିଲ ଏସ୍‌ଡିପିଓଙ୍କୁ ନିଲମ୍ବନ ପାଇଁ ଦାବି ହୋଇଛି। ଏନେଇ ଏକ ଦାବିପତ୍ର ଭାଜପା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରାଙ୍କ ନେତୃତ୍ୱରେ ଜିଲାପାଳ ତଥା ଜିଲା ରିଟର୍ଣ୍ଣିଂ ଅଫିସର ଆଶିଷ ଠାକରେଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଯଦୁମଣି ମହଲା ଦାବିପତ୍ର ଗ୍ରହଣ କରିଛନ୍ତି।

ଭାଜପା ଅଭିଯୋଗ କରିଛି ଯେ, ସାହାରପଡ଼ା ବ୍ଲକ ୨୯ ନଂ. ଜୋନ୍‌ରେ ବୁଧବାର ରାତିରେ ବିଜେଡି ସମର୍ଥକ ବାହାର ଅଞ୍ଚଳର ଗୁଣ୍ଡାମାନେ ତେଣ୍ତରା ପଞ୍ଚାୟତ ଖିଲାରପାଟ, ନୂଆଗାଁ ଓ ଭଣ୍ଡାରିବିଲା ଗ୍ରାମରେ ଟଙ୍କା ବାଣ୍ଟୁଥିଲେ। ଏନେଇ ବାରମ୍ବାର ଫୋନରେ ଜଣାଇବା ପରେ ମଧ ପୋଲିସ ତୁରନ୍ତ ପହଞ୍ଚି ନ ଥିଲା। ପରେ ସ୍ଥାନୀୟ ଲୋକେ ଏକ ଗାଡ଼ିକୁ ଅଟକ ରଖିଥିଲେ। ତେବେ ବଡ଼ବିଲ ଏସ୍‌ଡିପିଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଉକ୍ତ ଗୁଣ୍ଡାମାନଙ୍କୁ ସୁରକ୍ଷିତ ଭାବେ ସେମାନଙ୍କ ଗାଡ଼ିରେ ଛାଡ଼ି ଦେଇଥିଲେ। ପୋଲିସ ଗୁଣ୍ଡାମାନଙ୍କୁ ଗିରଫ କରିବା ପରିବର୍ତ୍ତେ ଖସାଇ ଦେଇଥିବା ଜିଲା ଭାଜପା ସଭାପତି ତଥା ୨୯ନଂ. ଜୋନ୍


ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣାରତ ଭାଜପା ନେତା ଓ କର୍ମୀ।

### ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା

ଜିଲା ପରିଷଦର ପ୍ରାର୍ଥୀ ଅଂଶୁମାନ ସବୁଜ ମହାନ୍ତ ବର୍ମା ଅଭିଯୋଗ କରିଛନ୍ତି।

ସେହିପରି ଗତ ୨୨ ତାରିଖରେ ମତଦାନ ବେଳେ ବଡ଼ବିଲ ଥାନା ୨୬ ନଂ. ଜୋନ୍ ଅଧୀନ ବାଲାଗଡ଼ ପଞ୍ଚାୟତର ୨୩ ଓ ୨୫ ନଂ. ବୁଥ୍‌ରେ ବିଜେଡି ସହାୟତାରେ ବୁଥ୍ ରିଗିଂ କରାଯାଇଥିଲା। ବଡ଼ବିଲ ପୌରାଞ୍ଚଳର ଜଣେ ବ୍ୟକ୍ତି ପୋଲିସ ସୁରକ୍ଷାରେ ଏସ୍‌ଡିପିଓଙ୍କ ସହାୟତାରେ ଭୋଟକେନ୍ଦ୍ରକୁ ଯାଇ ଭୋଟ ଦେଇଥିଲେ। ଏସବୁ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି ଧାରଣାରେ ବସିଥିବା ବରିଷ୍ଠ ଭାଜପା ନେତା ସତ୍ୟବ୍ରତ ନାୟକ, ଅଖିଳ ନାୟକ, ରାଧାକାନ୍ତ ମହାନ୍ତ, ସୁବ୍ରତ ମହାନ୍ତି, ପ୍ରକାଶ ସୂତ୍ରଧର, ପ୍ରକାଶ ମଲ୍ଲିକ ପ୍ରମୁଖ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ବଡ଼ବିଲ ଏସ୍‌ଡିପିଓ ହିମାଂଶୁ ବେହେରା କହିଛନ୍ତି, ସେ ଖବର ପାଇ ଘଟଣାସ୍ଥଳକୁ ଯାଇଥିଲେ। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ କ'ଣ ହୋଇଛି ସେ ବିଷୟରେ ସ୍ଥାନୀୟ ପୋଲିସ କହିପାରିବ।

## ପୁଣେରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

**ଭଦ୍ରକ ଅଫିସ, ୨୪।୨**

ପୁଣେରେ କାର୍ଯ୍ୟରତ ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ଅନଳଡିହ ଗ୍ରାମର ବାସୁଦେବ ନାୟକ ନାମକ ଯୁବକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ବାସୁଦେବ ପୁନେରେ ଏକ ଘରୋଇ କମ୍ପାନୀରେ ୧୦ବର୍ଷରୁ ଊର୍ଦ୍ଧ୍ୱ ହେଲା କାମ କରିଆସୁଥିଲେ। ଗତ ୧୬ ତାରିଖରେ ଏକ ଟାଟାମ୍ୟାଜିକରେ କମ୍ପାନୀର ମାଲ୍ ନେଇ ଆସୁଥିବା ବେଳେ ଉକ୍ତ ଗାଡ଼ି ଚକ ପଙ୍କଚର ହୋଇଥିଲା। ଡ୍ରାଇଭର ଓ ବାସୁଦେବ ଷ୍ଟେପିନ ଲଗାଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ କାର୍ ସେମାନଙ୍କୁ ଧକ୍କା ଦେଇଥିଲା। ଏଥିରେ ଟାଟାମ୍ୟାଜିକ ଡ୍ରାଇଭରଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ବାସୁଦେବଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଦୁଇଦିନ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ମୃତ ବାସୁଦେବଙ୍କର ସ୍ତ୍ରୀ ଓ ୨ ପୁଅ ଥିବାବେଳେ ପରିବାର ଏବେ ଅସହାୟ ହୋଇପଡ଼ିଛନ୍ତି।

## ସାହାରପଡ଼ା ବ୍ଲକରେ ୮୦.୮୪% ମତଦାନ

**ପାଟଣା,୨୪।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକରେ ଗୁରୁବାର ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଛି। ଏହି ବ୍ଲକରେ ୮୦.୮୪ ପ୍ରତିଶତ ମତଦାନ ହୋଇଥିବା ଜିପିଓ ଉମାକାନ୍ତ ନାଏକ କହିଛନ୍ତି। ମୋଟ ୫୬ ହଜାର ୧୫୩ ଜଣ ମତଦାତା ଭୋଟ ଦେଇଛନ୍ତି। ସେଥି ମଧ୍ୟରେ ୨୮ହଜାର ୮୮ ଜଣ ପୁରୁଷ ଓ ୨୮ହଜାର ୬୫ ଜଣ ମହିଳା ଭୋଟର ରହିଛନ୍ତି। ଏହି ବ୍ଲକ ଅଧୀନ ୨ଟି ଜୋନ୍‌ରେ ୯ଜଣ ଜିଲା ପରିଷଦ ପ୍ରାର୍ଥୀ, ୯୨ ସରପଞ୍ଚ, ୮୫ ସମିତିସଭ୍ୟ ଓ ୩୫୦ଜଣ ୱାର୍ଡସଭ୍ୟ ପ୍ରାର୍ଥୀଙ୍କୁ ମିଶାଇ ମୋଟ ୫୩୬ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟବାକ୍ସରେ ସିଲ୍ ହୋଇଛି। ନିର୍ବାଚନ ପରେ ଭୋଟବାକ୍ସଗୁଡ଼ିକୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସାହାରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରସ୍ଥିତ ଷ୍ଟ୍ରଙ୍ଗ ରୁମ୍‌ରେ ରଖାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଡାକ୍ତରାଣୀଙ୍କୁ ବିବାହ କରି...

ବିବାହ ତାରିଖ ଘୁଞ୍ଚିଥିଲା। ୨୦୨୧ ମେ ୩୧ରେ ରମେଶ ତାଙ୍କୁ ଭୁବନେଶ୍ୱରର ଏକ ହୋଟେଲରେ ବିବାହ କରିଥିଲେ। ବିବାହ ସମୟରେ ରମେଶଙ୍କ ଭିଣୋଇ ଗଣେଶ୍ୱର, ଭଉଣୀ ରଶ୍ମିତା ଓ ଡ୍ରାଇଭର ପପୁ ମଧ୍ୟ ଥିଲେ। ଏହାପରେ ସେ ତାଙ୍କ ଡେବିଟ୍ କାର୍ଡ ନେଇ ୨୩ ଲକ୍ଷ ଟଙ୍କା ଉଠାଇ ନେଇଥିଲେ। ତେବେ ପରବର୍ତ୍ତୀ ସମୟରେ ଏମ୍‌ସରେ ଚାକିରି କରେଇଦେବାକୁ କହି ରମେଶ ତାଙ୍କର ଜଣେ କର୍ମଚାରୀଙ୍କଠାରୁ ୧୦ ଲକ୍ଷ ମଧ୍ୟ ଠକି ନେଇଥିଲେ।

ଅନ୍ୟପକ୍ଷରେ ରମେଶ ଖଣ୍ଡଗିରି ଅଞ୍ଚଳରେ ରହୁଥିବା ଆପାର୍ଟମେଣ୍ଟର ମାଲିକ ମଧ୍ୟ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ରମେଶ ଭୁଲ୍ ତଥ୍ୟ ଦେଇ ସେଠାରେ ରହିଥିଲେ ବୋଲି ସେ ପୋଲିସ ନିକଟରେ କହିଛନ୍ତି। ତେବେ ଠକେଇର ତାଲିକା ବଢୁଥିବାରୁ ଆଗକୁ ରମେଶଙ୍କ କାରନାମାର ଆହୁରି ଗୁମର ଖୋଲିବାକୁ ୩ ଦିନିଆ ରିମାଣ୍ଡରେ ଜେରା କରିବ। ଏଥିସହ ବିଭିନ୍ନ ଦିଗକୁ ନେଇ ତଦନ୍ତ କରି ଏକ ବଳିଷ୍ଠ ଚାର୍ଜଶିଟ୍ ପ୍ରସ୍ତୁତ କରିବାକୁ କମିଶନରେଟ ପୋଲିସ ଆଶା ରଖିଛି।

ଏନେଇ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ରମେଶଙ୍କ ମାମଲାର ତଦନ୍ତ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ୨ଟି ମହିଳା ଟିମ୍ ଗଠନ ହେବ। ସେଥିରେ ମହିଳା ପୋଲିସଙ୍କ ସମେତ ଚାଟାର୍ଡ ଆକାଣ୍ଟାଣ୍ଟ, କାଉନ୍‌ସେଲର, ଆଇନ୍ ପରାମର୍ଶଦାତା ରହିବେ। ୨ ମାସରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଟିମ୍ ତଦନ୍ତ କରି ଏହି ମାମଲାରେ ଅଧିକ ତଥ୍ୟ ହାସଲ କରିବ।

ସୂଚନାଯୋଗ୍ୟ, ଅଭିଯୁକ୍ତ ରମେଶ ବିଭିନ୍ନ ମାଟ୍ରିମୋନିଆଲ ଓ ସୋସିଆଲ୍ ସାଇଟ୍‌ରୁ ଉଚ୍ଚଶିକ୍ଷିତା ମହିଳାଙ୍କୁ ଫସାଇ ବିବାହ କରୁଥିଲେ। ପରବର୍ତ୍ତୀ ସମୟରେ ଟଙ୍କା, ସୁନା ଓ ସମ୍ପତ୍ତି ଲୁଟୁଥିଲେ। ତାଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଦିଲ୍ଲୀର ଜଣେ ମହିଳା ଗତବର୍ଷ ଜୁଲାଇରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଥିଲେ। ତଦନ୍ତରୁ ରମେଶଙ୍କ କଳାକାରନାମା ପଦାକୁ ଆସିଥିଲା। ଏଥିସହ ଚାକିରି ଓ ଡାକ୍ତରୀ ପାଠରେ ନାମଲେଖା ପାଇଁ ବହୁ ଲକ୍ଷ ଟଙ୍କା ଠକେଇ କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା।

### ପଞ୍ଚାୟତ ନିର୍ବାଚନ ...

ଅନୁରୂପ ଭାବେ ୨୭ରେ ଦ୍ୱିତୀୟ ଜୋନ୍, ୨୮ରେ ତୃତୀୟ ଏବଂ ଚତୁର୍ଥ ଜୋନ୍‌ରେ ଭୋଟ ଗଣତି ହେବ। ଗଣତି କେନ୍ଦ୍ରରେ କୌଣସି ପ୍ରକାରର ବିଶୃଙ୍ଖଳାକୁ ସହ୍ୟ କରାଯିବ ନାହିଁ ବୋଲି ନିର୍ବାଚନ କମିଶନର କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି।

ରାଜ୍ୟରେ ଫେବୃୟାରୀ ୧୬ରୁ ୫ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଛି। ମୋଟ ୬ ହଜାର ୭୯୪ ପଞ୍ଚାୟତରେ ଥିବା ୯୧ ହଜାର ୯୧୩ ୱାର୍ଡରେ ମତଦାନ ପାଇଁ ବ୍ୟବସ୍ଥା ହୋଇଥିଲା। ଏଥିଲାଗି ୯୧ ହଜାର ୯୧୩ ବୁଥ୍‌ରେ ପ୍ରସ୍ତୁତ କରାଯାଇଥିଲା। ସେଥିରୁ ୧୩ ହଜାର ୭୮୫ ମତଦାନ କେନ୍ଦ୍ରକୁ ରାଜ୍ୟ ନିର୍ବାଚନ କମିଶନର ଉତ୍ତେଜନାପ୍ରବଣ ଘୋଷଣା କରିଥିଲେ। ଚଳିତ ନିର୍ବାଚନରେ ମତଦାନ ହାର ଉତ୍ସାହଜନକ ରହିଛି। ପ୍ରଥମ ପର୍ଯ୍ୟାୟରେ ୭୭.୨%, ଦ୍ୱିତୀୟ ପର୍ଯ୍ୟାୟରେ ୭୮.୩%, ତୃତୀୟ ପର୍ଯ୍ୟାୟରେ ୭୮.୬%, ଚତୁର୍ଥ ପର୍ଯ୍ୟାୟରେ ୭୯% ମତଦାନ ରେକର୍ଡ କରାଯାଇଛି। ପ୍ରଥମ ଦୁଇଟି ପର୍ଯ୍ୟାୟରେ ହିଂସା ଓ ଅନ୍ୟାନ୍ୟ କାରଣରୁ ବାଧାପ୍ରାପ୍ତ ହୋଇଥିବା ବୁଥରେ ସାନି ମତଦାନ ଫେବୃୟାରୀ ୨୩ରେ ଶେଷ ହୋଇଛି। ଅନୁରୂପ ଭାବେ ୩ୟ ପର୍ଯ୍ୟାୟରେ ୩୦ ବୁଥ୍‌ରେ ସାନି ମତଦାନ ଲାଗି ଜିଲାପାଳମାନେ ପ୍ରସ୍ତାବ ଦେଇଛନ୍ତି। ଆସନ୍ତା ୨୫ ତାରିଖ (ଶୁକ୍ରବାର)ରେ ଉକ୍ତ ୩୦ ବୁଥ୍‌ରେ ସାନି ମତଦାନ ହେବ ବୋଲି ଜଣାପଡ଼ିଛି। ଚତୁର୍ଥ ଓ ପଞ୍ଚମ ପର୍ଯ୍ୟାୟରେ ବାତିଲ ହୋଇଥିବା ବୁଥ୍‌ରେ ସାନି ମତଦାନ ଲାଗି ତାରିଖ ଘୋଷଣା ବାକି ରହିଛି।

### ବିରିୟାନୀ ପାଇଁ ଆତ୍ମହତ୍ୟା ...

ମୃତଦେହକୁ ଘରକୁ ଅଣାଯାଇଥିଲା। ଖବରପାଇ ଗୁରୁବାର ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କ ଘରକୁ ଯାଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପରେ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ବାପା ମନୋରଞ୍ଜନ ଏକ କମ୍ପାନୀରେ ସିକ୍ୟୁରିଟି ଗାର୍ଡ଼ ଭାବେ କାର୍ଯ୍ୟ କରନ୍ତି।

### ପଞ୍ଚମ ପର୍ଯ୍ୟାୟରେ ...

ୱାର୍ଡ ମେମ୍ବର, ୧୨୬ ସରପଞ୍ଚ, ୩୨୬ ପଞ୍ଚାୟତ ସମିତି ସଦସ୍ୟ ଏବଂ ଜଣେ ଜିଲା ପରିଷଦ ସଭ୍ୟ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହୋଇଛନ୍ତି। ତେବେ ଅନ୍ୟ ପଦବୀଗୁଡ଼ିକ ପାଇଁ ପ୍ରାୟ ୨ ଲକ୍ଷ ୨୦ ହଜାର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଚଳିତ ନିର୍ବାଚନରେ ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରେ ଶାନ୍ତିଶୃଙ୍ଖଳାର ସହ ମତଦାନ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ନିର୍ବାଚନ କମିଶନର କହିଛନ୍ତି।

## ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ

**ବାରିପଦା ଅଫିସ,୨୪।୨**

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜନ୍ମଜୟନ୍ତୀ ବାରିପଦାଠାରେ ପାଳିତ ହୋଇଯାଇଛି। ଓଡ଼ିଆ ଜାଗରଣ ମଞ୍ଚ, ବଳାଙ୍ଗୀ ମହୋତ୍ସବ ଓ ମୟୂରଭଞ୍ଜ ଲଭର୍ସ ଗ୍ରୁପ ସଙ୍ଗଠନର ସଦସ୍ୟମାନେ ମଧୁବନ ରାଣୀବାଗସ୍ଥିତ ମହାରାଜାଙ୍କ ସମାଧି ପୀଠରେ ମାଲ୍ୟାର୍ପଣ କରିଥିଲେ। ପ୍ରତିଶ୍ରୁତି ଅନୁଷ୍ଠାର ସମ୍ପାଦକ ଭାଗବତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଖବରଦାତା ଡ.ବିଜୟ କୁମାର ଅଗ୍ରୱାଲ ଯୋଗଦେଇ ମହାରାଜାଙ୍କ ଶ୍ରାଦ୍ଧ ଦିବସ ସରକାରୀସ୍ତରରେ ପାଳନ କରିବାକୁ ଦାବି କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ଶରତ ଚନ୍ଦ୍ର ନାୟକ, ଶିକ୍ଷାବିତ୍ ନରେନ୍ଦ୍ର ମୋହନ ସେନାପତି ପ୍ରମୁଖ ଉପସ୍ଥିତ ରହି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ଅବର୍ଣ୍ଣନୀୟ ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦୟ କୁମାର ଜେନା, ଜ୍ଞାନ ରଞ୍ଜନ ତ୍ରିପାଠୀ, ଖବରଦାତା ସୁକାନ୍ତ ଜୀଉ, ଦୀପକ କୁମାର ନାୟକ, କୁମାରେଶ ନାୟକ ପ୍ରମୁଖ ଉପସ୍ଥିତ ରହି ମହାରାଜାଙ୍କ ସ୍ମୃତିଚାରଣ କରିଥିଲେ।

## କୋଭିଡ୍ ଗାଇଡ୍‌ଲାଇନରେ ପାଳନ ହେବ ମହାଶିବରାତ୍ରି

**ଭୋଗରାଇ, ୨୪।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ସମସ୍ତ ଶୈବପୀଠରେ ମହାଶିବରାତ୍ରି କୋଭିଡ୍ ଗାଇଡଲାଇନ ଅନୁସାରେ ପାଳନ ହେବ। ଏନେଇ ବୁଧବାର ଭୋଗରାଇ ତହସିଲ ପରିସରରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱର ଏବଂ ଏସିଆର ସର୍ବବୃହତ୍ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱର ମହାଦେବ ସହ ଶତାଧିକ ଶୈବପୀଠରେ ମହାଶିବରାତ୍ରି ପାଳନ ନେଇ ଆଲୋଚନା କରାଯାଇଛି। ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ତହସିଲଦାର କମଳାକାନ୍ତ ପଣ୍ଡା, ବିଡିଓ ଶଙ୍କର ପଟ୍ଟନାୟକ, ଚନ୍ଦନେଶ୍ୱର ଓ ଭୁଷଣ୍ଡେଶ୍ୱର ଟ୍ରଷ୍ଟ ବୋର୍ଡ଼ ସଦସ୍ୟ, ସେବାୟତ, ପୂଜାରୀ ଏବଂ ପୋଲିସ ଉପସ୍ଥିତ ଥିଲେ। ଦୁଇବର୍ଷ ଧରି ଜାଗରଯାତ୍ରା ବନ୍ଦ ଥିବାରୁ ଶ୍ରଦ୍ଧାଳୁମାନେ ମନ୍ଦିରକୁ ଯାଇପାରି ନ ଥିଲେ। ଦୁଇ ପ୍ରସିଦ୍ଧ ଶୈବପୀଠରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ନେଇ ପ୍ରଶାସନ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଥିବା ସୂଚନା ମିଳିଛି।

